# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 22 Morning – 2024

## ନିଯୁକ୍ତି ରଦ୍ଦ-ସୁପ୍ରିମକୋର୍ଟ

ଭାରତର ନିର୍ବାଚନ କମିଶନରେ ନୂଆ ଭାବେ ନିଯୁକ୍ତି ପାଇଥିବା ଦୁଇଜଣ ନିର୍ବାଚନ କମିଶନରଙ୍କ ନିଯୁକ୍ତି ରଦ୍ଦ କରିବାକୁ ସୁପ୍ରିମକୋର୍ଟ ମନା କରିଛନ୍ତି। ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ସଂସଦରୁ ପାରିତ ଆଇନ୍ ଅନୁସାରେ ନିର୍ବାଚନ କମିଶନ ଚୟନ କରାଯାଇଛି। ତେଣୁ ସୁପ୍ରିମକୋର୍ଟ ଏହା ରଦ୍ଦ କରିବାକୁ ଚାହୁଁନାହାନ୍ତି । ନିର୍ବାଚନ ସମୟରେ ନିର୍ବାଚନ କମିଶନରଙ୍କ କାମକୁ ପ୍ରଭାବିତ କରିବା ଠିକ୍ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି।

ସୂଚନାଯୋଗ୍ୟ ନିର୍ବାଚନ ତାରିଖ ଘୋଷଣା ହେବାର ୨ଦିନ ପରେ ଗତ ମାର୍ଚ୍ଚ ୧୪ ତାରିଖରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଜ୍ଞାନେଶ କୁମାର ଏବଂ ସୁଖବୀର ସିଂହ ସାନ୍ଧୁଙ୍କୁ ନୂତନ ନିର୍ବାଚନ ଆୟୋଗ ଭାବେ ନିଯୁକ୍ତ କରାଯାଇଥିଲା ।

## ଦାମୋଦର ରାଉତଙ୍କ ଦେହାନ୍ତ

ବିଜୁ ଜନତା ଦଳର ବରିଷ୍ଠ ନେତା ଡାକ୍ତର ଦାମୋଦର ରାଉତଙ୍କର ଆଜି ସକାଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ଗତକାଲିଠାରୁ ଡାକ୍ତର ରାଉତ ହୃଦ୍‌ଘାତରେ

ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ମୃତ୍ୟୁବେଳକୁ ଡାକ୍ତର ରାଉତଙ୍କୁ ୮୩ବର୍ଷ ହୋଇଥିଲା । ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ଏବଂ ବର୍ତ୍ତମାନ ସରକାରଙ୍କର ମନ୍ତ୍ରିମଣ୍ଡଳରେ ସ୍ୱର୍ଗତ ବିଭିନ୍ନ ପଦରେ ମନ୍ତ୍ରୀ ରୂପେ ଅବସ୍ଥାପିତ ଥିଲେ ।

## ଯାଞ୍ଚ କମିଟି ଗଠନ

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗରେ ଆଦର୍ଶ ଆଚରଣ ବିଧି କିପରି ଠିକ୍ ଭାବେ ପାଳନ ହେବ ସେ ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଯାଞ୍ଚ କମିଟି ଗଠନ ହୋଇଛି । ଏଥିରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଏବଂ ସଚିବମାନେ ସଦସ୍ୟ ଅଛନ୍ତି । କମିଟି ପ୍ରତ୍ୟେକ ବିଭାଗକୁ ଆସୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୁଡ଼ିକ ଯାଞ୍ଚ କରି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁମତି ନିମନ୍ତେ ପଠାଇବ ।

ନବରଙ୍ଗପୁର ଜିଲ୍ଲାରେ ଅବାଧ, ନିରପେକ୍ଷ ଭାବେ ସାଧାରଣ ନିର୍ବାଚନ କରିବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଅବକାରୀ ବିଭାଗର ଏକ ବୈଠକ ହୋଇଯାଇଛି । ନିର୍ବାଚନକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ କରିବା ସହିତ ଆଚରଣବିଧି, କଳାଧନ, ମାଦକଦ୍ରବ୍ୟର ଚୋରା ଚାଲାଣକୁ ନଜରରେ ରଖିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା ।

## ଗେଜେଟ୍ ବିଜ୍ଞପ୍ତି ପ୍ରକାଶ

ଆଇନ୍ ମନ୍ତ୍ରଣାଳୟ ପକ୍ଷରୁ ନୂତନ ଅନୁସୂଚିତ ଜନଜାତି ବର୍ଗଙ୍କ ତାଲିକା ପ୍ରକାଶ ପାଇବା ପରେ ରାଜ୍ୟ ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ତହସିଲଦାରଙ୍କୁ ଏ ସଂକ୍ରାନ୍ତରେ ପତ୍ର ଲେଖି ଅବଗତ କରାଯାଇଛି । ରାଜ୍ୟ ସରକାର ଅନୁସୂଚିତ ଜନଜାତି ବର୍ଗଙ୍କ ତାଲିକା ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ ।

## +୨ ଖାତାଦେଖା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ ୨ ପରୀକ୍ଷାକେନ୍ଦ୍ର ଗୁଡ଼ିକରେ ଆଜିଠାରୁ ଦୁଇଟି ପର୍ଯ୍ୟାୟରେ ଖାତାଦେଖା ପ୍ରକ୍ରିୟା ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୪ ତାରିଖରୁ ଏପ୍ରିଲ ୧୫ ତାରିଖ ଏହି ଖାତାଦେଖା ପର୍ଯ୍ୟନ୍ତ ଚାଲିବ । ଦୁଇଟି ପର୍ଯ୍ୟାୟରେ ପ୍ରାୟ ୧୦ହଜାର ୫୦୦ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଏହି ଖାତାଦେଖା କାର୍ଯ୍ୟରେ ନିୟୋଜିତ ହେବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି । କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଖାତା ଅନ୍‌ଲାଇନ୍ ଏବଂ ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନ୍ ଜରିଆରେ କରାଯିବ । ଚଳିତବର୍ଷ ୩ଲକ୍ଷ ୮୬ହଜାର ୨୫୦ଜଣ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେଇଛନ୍ତି । ପରୀକ୍ଷାରେ ସମୁଦାୟ ୬ଶହ ଅଣଚାଶ ଜଣ ଛାତ୍ରଛାତ୍ରୀ କପି କରି ଧରାପଡିଥିବା ଜଣାପଡିଛି । ଆସନ୍ତା ମେ’ ମାସ ୧୫ ତାରିଖ ମଧ୍ୟରେ

+୨ ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଲକ୍ଷ୍ୟ ରଖାଯାଇଛି ।

## ବିଶ୍ୱ ଜଳ ଦିବସ

ଆଜି ବିଶ୍ୱ ଜଳ ଦିବସ ପାଳନ କରାଯାଉଛି । ଜଳସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ସମସ୍ୟାର ସମାଧାନ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ଲକ୍ଷ୍ୟ ନେଇ ୧୯୯୩ ମସିହାଠାରୁ ଜାତିସଂଘ ପ୍ରତିବର୍ଷ ମାର୍ଚ୍ଚ ୨୨ ତାରିଖ ଆଜିର ଦିନକୁ ବିଶ୍ୱ ଜଳ ଦିବସ ପାଳନ କରିବାକୁ ଘୋଷଣା କରିଥିଲା । ଜଳ ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳର ଉପାଦେୟତା ସମ୍ପର୍କିତ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରେ ଶିବିର, ଶୋଭାଯାତ୍ରା, ଆଲୋଚନାଚକ୍ର ଆଦି ଆୟୋଜନ କରାଯାଉଛି । ଚଳିତବର୍ଷ ପାଇଁ ଜଳ ଦିବସର ବାର୍ତ୍ତା ରହିଛି 'ଶାନ୍ତି ପାଇଁ ଜଳ' । ଦେଶ ଦେଶ କିମ୍ବା ଅନ୍ୟ ରାଜ୍ୟ ମଧ୍ୟରେ ଜଳକୁ ନେଇ ବିବାଦ ହେବା ପରିବର୍ତ୍ତେ ସହଯୋଗଭିତ୍ତିରେ ଏହାର ବ୍ୟବହାର ହେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଦିବସ ପାଳନ କରାଯାଉଛି ।

## ଜଳବାୟୁ ପରିବର୍ତ୍ତନ

ଜଳବାୟୁ ପରିବର୍ତ୍ତନ ଯୋଗୁଁ ମନୁଷ୍ୟ ଓ ପ୍ରାଣୀଜଗତ ଉପରେ ପଡୁଥିବା ପ୍ରଭାବକୁ ନେଇ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ-ଓସଡମା

ପକ୍ଷରୁ ଗବେଷଣା ପାଇଁ କାର୍ଯ୍ୟ ଘୋଷଣା ପ୍ରସ୍ତୁତ କରାଯାଇଛି । ରାଜ୍ୟର କେଉଁ ଅଞ୍ଚଳରେ ଅଧିକ ଗରମ ଅନୁଭୂତ ହେଉଛି ଏବଂ ତା'ର ପ୍ରଭାବ ସ୍ୱାସ୍ଥ୍ୟ ଉପରେ କ'ଣ ପ୍ରଭାବ ପକାଉଛି ସେ ବିଷୟରେ ଗବେଷଣା କରାଯିବ ।

## ପାଣିପାଗ

ଚଳିତ ମାସ ଶେଷ ବେଳକୁ ରାଜ୍ୟରେ ତାପମାତ୍ରା ୪୦ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରା ୮ରୁ ୧୦ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ତେବେ କାଳବୈଶାଖୀ ପ୍ରଭାବରେ ଅଧିକାଂଶ ସ୍ଥାନରେ ତାପମାତ୍ରା ୩୦ଡିଗ୍ରୀ ତଳକୁ ହ୍ରାସ ପାଇଥିଲା । ଗତ ୨୪ଘଣ୍ଟା ମଧ୍ୟରେ କପ୍ତିପଦାରେ ସର୍ବାଧିକ ୨୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ଉଦଳାରେ ୨୩ ମିଲିମିଟର, ଭୋଗରାଇ ଓ ସୋହେଲାରେ ୨୦ ମିଲିମିଟର ଲେଖାଏଁ ବର୍ଷା ରେକର୍ଡ ହୋଇଥିବା ସୂଚନା ମିଳିଛି ।